# ପିଲାମାନଙ୍କ ପାଇଁ ବାଇବଲ

## ଉପହାର



# ପରମେଶ୍ୱର ଅବ୍ରାହାମ୍ଙ୍କ ପ୍ରେମ ପରିକ୍ଷା କଲେ ।

ଲେଖକ: Edward Hughes
ଦୃଷ୍ଟାନ୍ତ: Byron Unger; Lazarus
ଉପଯୋଜକ: M. Maillot; Tammy S.
ଅନୁବାଦକ: Prasanta Bhuyan
ପ୍ରୟୋଯୋକ: Bible for Children
www.M1914.org

BFC
PO Box 3
Winnipeg, MB R3C 2G1
Canada

©2015 Bible for Children, Inc.
ଅନୁମତି ପତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପଣଙ୍କର ଅଧୀକାର ଅଛି; ଯେଉଁ ପର୍ଯନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।



ଗୋଟିଏ ରାତ୍ରିରେ ପରମେଶ୍ୱର ଅବ୍ରାହାମ୍‌ଙ୍କୁ
ଏକ ଭିନ୍ନ ଧରଣର ଆଜ୍ଞା ଦେଲେ । ଏହା
ଏକ କେବଳ ପରିକ୍ଷା ଥିଲା, ପରମେଶ୍ୱର
ଜାଣିବାକୁ ଚାହୁଁଥିଲେ ଯେ ଅବାହାମ୍ ନିଜର
ପୁତ୍ର ଇସ୍‌ହାକ୍‌ଙ୍କୁ କି ପରମେଶ୍ୱରଙ୍କ ଠାରୁ
ଅଧିକ ଭଲ ପାଆନ୍ତି ।

ତୁମ୍ଭର ପୁତ୍ର ଇସ୍‌ହ୍‌କଙ୍କୁ ନେଇଯାଅ, ତାଙ୍କୁ ହୋମବଳି
ରୂପେ ଉତ୍ସର୍ଗ କର, ପରମେଶ୍ୱର ଅବ୍ରାହାମ୍‌ଙ୍କୁ ଆଜ୍ଞାକଲେ
। ଇସ୍‌ହାକଙ୍କୁ ହୋମବଳ ଉତ୍ସର୍ଗ?
ନିଜର ସନ୍ତାନକୁ ହୋମବଳି ଦେବା?
ତାହା ଅବ୍ରାହାମ୍‌ଙ୍କ ନିମନ୍ତେ ଅତ୍ୟଧିକ
କଷ୍ଟକର ଥିଲା । ସେ ତାଙ୍କର ପୁତ୍ରଙ୍କୁ
ବହୁତ ଭଲପାଉଥିଲେ ।



କିନ୍ତୁ ଅବ୍ରାହାମ୍ ପରମେଶ୍ୱରଙ୍କଠାରେ ସେହି ସମୟରୁ ଭରଷା ରଖିବା ଶିକ୍ଷା କରିଥିଲେ ଯେଉଁ ସମୟରେ କି ସେ ପରମେଶ୍ୱରଙ୍କୁ ବୁଝିପାରୁନଥିଲେ । ସକାଳ ସମୟରେ ଅବ୍ରାହାମ୍ ନିଜର ପୁତ୍ର ଇସ୍ହାକ ଓ ଦୁଇଜଣ ଚ଼ାକର ମାନଙ୍କ ସହିତ ହୋମବଳି ଉତ୍ସର୍ଗ କରିବାକୁ ପର୍ବତ ଅଭିମୁଖେ ଯାତ୍ରା ଆରମ୍ଭ କଲେ ।



ଯାତ୍ରା ଆଗରୁ, ଅବ୍ରାହାମ୍
ହୋମବଳି ନିମନ୍ତେ କାଷ୍ଠ
ସଜାଡ଼ିଲେ, ଅବ୍ରାହାମ୍
ପରମେଶ୍ୱରଙ୍କୁ ବାଧ୍ୟ
ହେବାକ ସ୍ଥିର କଲେ ।





ତୃତୀୟ ଦିନର ଯାତ୍ରାର ପରେ ସେମାନେ, ହୋମବଳି
ଉତ୍ସର୍ଗ କରିବା ପର୍ବତ ପାଖରେ ପହଞ୍ଚିଲେ । ଏଠାରେ
ରୁହ, ଅବ୍ରାହାମ୍ ନିଜର ଚାକର ମାନଙ୍କୁ କହିଲେ । ଆମ୍ଭେ
ଯାଇ ବଳି ଉତ୍ସର୍ଗ କରି ଏହି
ସ୍ଥାନକୁ ଫେରି ଆସିବୁ ।

ଇସ୍ହାକ କାଷ୍ଠ ନିଜ କାନ୍ଧରେ
ଭୂଇଁଲେ, ଅବ୍ରାହାମ୍ ଅଗ୍ନି ଓ
ଛୁରି ବହନ କଲୋ ।

ହୋମବଳି ନିମନ୍ତେ ମେଷ କାହିଁ?
ଇସ୍‌ହାକ ପଚ଼ାରିଲେ । ପରମେଶ୍ୱର
ନିଜେ ମେଷ ଯୋଗାଇବେ,
ଅବ୍ରାହାମ୍ କହିଲେ ।



ଦୁହେଁ ପରମେଶ୍ୱରଙ୍କ ଦ୍ୱାରା ନିରୂପିତ ସେହି ସ୍ଥାନରେ ପହଞ୍ଚିଲେ । ସେଠାରେ ଅବ୍ରାହାମ୍ ହୋମବଳି ନିମନ୍ତେ ଏକ ବେଦି ନିର୍ମାଣ କଲେ ଏବଂ ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ ହୋମବଳି ଉତ୍ସର୍ଗ ନିମନ୍ତେ ବେଦି ଉପରେ କାଷ୍ଠ ସଜାଇଲେ । ଅବ୍ରାହାମ୍ ଅନେକ ବଳି ଉତ୍ସର୍ଗ ବେଦି ନିର୍ମାଣ କରିଥାଇ ପାରନ୍ତେ, ନିଶ୍ଚିତଭାବରେ ସମସ୍ତ ବେଦିମାନଙ୍କଠାରୁ ଏହି ବେଦିଟିକୁ ଗଢ଼ିବାକୁ ଅଧିକ କଷ୍ଟକର ହୋଇଥାଇପାରେ ।





ଅବ୍ରାହାମ୍ ନିଜର
ପ୍ରିୟ ପୁତ୍ର ଇସ୍‌ହାକଙ୍କୁ
ବାନ୍ଧିପକାଇଲେ ଓ ହୋମବଳି
ବେଦି ଉପରେ ଶୁଆଇଲେ, ସତରେ କି
ଅବ୍ରହାମ୍ ପରମେଶ୍ୱରଙ୍କ ଆଜ୍ଞାବହ ହୋଇ
ନିଜର ପ୍ରିୟ ପାତ୍ର ଇସ୍‌ହାକଙ୍କୁ ବଳି ଉତ୍ସର୍ଗ
କରିବାକୁ ଯାଉଥିଲେ, ନିଜର
ଏକମାତ୍ର ପୁତ୍ରଙ୍କୁ ?



ହଁ, ଛୁରିର ଦାଢ଼ ଚକ୍ ଚକ୍
କରୁଥିଲା ଯେତେବେଳେ
ଅବ୍ରାହାମ୍ ତାହା ଉପରକୁ
ଉଠାଇଲେ, ତାଙ୍କର ହୃଦୟ
ଭାଙ୍ଗିଥାଇପାରେ, କିନ୍ତୁ
ଅବ୍ରାହାମ୍ ଜାଣିଥିଲେ ତାଙ୍କୁ
ପରମେଶ୍ୱରଙ୍କ ଆଜ୍ଞା ପାଳନ
କରିବା ଆବଶ୍ୟକ ।



ରହିଯାଅ,
ପରମେଶ୍ୱରଙ୍କର ଜଣେ
ଦୂତ ବଡ଼ ପାଟିରେ କହିଲେ ।
ବର୍ତ୍ତମାନ୍ ମୁ ଜାଣେ ତୁମ୍ଭେ
ପରମେଶ୍ୱରଙ୍କୁ ଭୟ କର ।
ତୁମ୍ଭେ ତୁମ୍ଭର ଏକମାତ୍ର
ପୁତ୍ରଙ୍କୁ ସୁଧା ମୋ ସକାଶେ
ବଳି ଉତ୍ସର୍ଗ କରିବାରୁ
ବିମୁଖ ହେଲ
ନାହିଁ ।

ସେ ଗୋଟିଏ ମେଷକୁ ବୃକ୍ଷ ଗହଣରେ ଦେଖି, ଅବ୍ରାହାମ୍
ଇସ୍‌ହାକଙ୍କର ବନ୍ଧନ ଖୋଲିଦେଲେ ଓ ଇସ୍‌ହାକଙ୍କ
ବଦଳରେ ସେହି ମେଷଛାଗକୁ ହୋମବଳି ଉତ୍ସର୍ଗ
କଲେ । ହୋଇପାରେ ଇସ୍‌ହାକ ଭାବିଥିବେ ଯେ
ପରମେଶ୍ୱର ଯୋଗାନ୍ତି, ଯେପରି ଭାବରେ
ମୋହର ପିତା
କହିଥିଲେ ।



ଯେତେବେଳେ ପିତା ଓ ପୁତ୍ର ପରମେଶ୍ୱରଙ୍କ ଆରାଧନା କଲେ, ପ୍ରଭୁଙ୍କର ଜଣେ ଦୂତ ଅବ୍ରାହାମଙ୍କୁ କହିଲେ । ତୁମ୍ଭର ପୁତ୍ରଗଣଙ୍କ ନିମନ୍ତେ ଆମ୍ଭେ ସମସ୍ତ ଦେଶ ମାନଙ୍କୁ ଆଶିର୍ବାଦ କରିବା କାରଣ ତୁମ୍ଭେ ଆଜ୍ଞା ପାଳନ କଲ । ପରେ ଯୀଶୁଖ୍ରୀଷ୍ଟ ମଧ୍ୟ ଅବ୍ରାହାମଙ୍କର ବଂଶ ମଧ୍ୟରୁ ଜନ୍ମ ଗ୍ରହଣ କରିବେ ।



ଅବ୍ରହାମ୍ ଓ ଇସ୍‌ହାକ ନିଜ ଗୃହକୁ ଫେରି ଆସିଲେ, କେତେ ସମୟ ପରେ, ଦୁଃଖର ସମୟ ଆସିଲା, ସାରାଙ୍କର ମୃତ୍ୟୁ ଘଟିଲା । ଅବ୍ରହାମ୍ ନିଜର ପତ୍ନି ଓ ଇସ୍‌ହାକ୍ ନିଜର ମାତାଙ୍କୁ ହରାଇଲେ ।



ସମାଧି ପରେ, ଅବ୍ରହାମ୍ ନିଜର
ଚାକରମାନଙ୍କର ମୁଖିଆଙ୍କୁ ଇସ୍‌ହାକଙ୍କ
ନିମନ୍ତେ ଗୋଟିଏ ସ୍ତ୍ରୀ ଦେଖିବା ପାଇଁ ପଠାଇଲେ ।
ଚାକର ତାଙ୍କର ପୁରାତନ ପିତୃ ପୁରୁଷଙ୍କ ଦେଶରେ ଅବ୍ରାହାମଙ୍କ
ଗୋଷ୍ଠିୟ ମାନଙ୍କ ପାଖକୁ ସ୍ତ୍ରୀ ଖୋଜିବାକୁ
ଗଲେ ।



ଚାକର ପରମେଶ୍ୱରଙ୍କୁ ଚିହ୍ନ ନିମନ୍ତେ ପ୍ରାର୍ଥନା କଲେ, କହିଲେ ଯେଉଁ ଯୁବତୀ ମୋହର ଓଟମାନଙ୍କୁ ପାଣି ପିଇବାକୁ ଦେବ ସେ ଇସ୍‌ହାକଙ୍କ ନିମନ୍ତେ ଉପଯୁକ୍ତ ପାତ୍ରୀ ହେବ । ସେହିକ୍ଷଣି ରେବେକା ନାମକ ଯୁବତି ତାଙ୍କର ଏଟ ମାନଙ୍କୁ ପାଣି ପିଇବାକୁ ଦେଲେ । ସେ ଅବ୍ରାହାମ୍‌ଙ୍କ ବଂଶଗତ ଥିଲେ । ଚାକର ଜାଣିଥିଲେ ଯେ ପରମେଶ୍ୱର ତାଙ୍କୁ ତାଙ୍କ ପ୍ରାର୍ଥନାର ଉତ୍ତର ଦେଇଅଛନ୍ତି ।



ରେବେକା ନିଜର ପରିବାରକୁ ତ୍ୟାଗ କରି ଇସ୍‌ହାକଙ୍କୁ ବିବାହ କରିବା ନିମନ୍ତେ ପ୍ରସ୍ଥାନ କଲେ । ସେ ତାଙ୍କର ମାତାଙ୍କର ମୃତ୍ୟୁ ପରେ ଇସ୍‌ହାକଙ୍କୁ ସାନ୍ତନା ଦେଲେ । ତାଙ୍କୁ ଇସ୍‌ହାକ୍ କିପରି ପ୍ରେମ କଲେ ।



ପରମେଶ୍ୱର ଅବ୍ରାହାମ୍‌ଙ୍କ ପ୍ରେମ ପରିକ୍ଷା କଲେ ।

**ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ**

**ରୁ ଅନୁସନ୍ଧାନ କରାଯାଇଅଛି**

ଆଦିପୁସ୍ତକ ୨୨-୨୪

**"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"**
**ଗୀତସଂହିତା ୧୧୯ : ୧୩୦**

# ସମାପ୍ତି

ଏହି ବାଇବଲ୍ କହାଣି ଇଶ୍ୱରଙ୍କ ବିଷୟରେ ଆମ୍ଭମାନଙ୍କୁ କହେ, ଯିଏ କି ଆମ୍ଭମାନଙ୍କୁ ସୃଷ୍ଟି କରିଅଛନ୍ତି ଏବଂ ସେହି ଇଶ୍ୱର ଚାହାଁନ୍ତି ତୁମ୍ଭେ ତାହାଙ୍କୁ ଜାଣ ।

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଇଶ୍ୱର ଜାଣନ୍ତି, ଯାହାକୁ ଇଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ, କିନ୍ତୁ ଇଶ୍ୱର ତୁମ୍ଭକୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଜଗତକୁ ପଠାଇଲେ ଆମ୍ଭମାନଙ୍କର ପାପ ସକାଶୁ ସେ କ୍ରୁଶ ଉପରେ ମୃତ୍ୟୁବରଣ କଲେ । ପୁନର୍ବାର ଯୀଶୁଖ୍ରୀଷ୍ଟ ଜୀବନକୁ ଫେରିଲେ, ଆଉ ସେ ସର୍ଗ ଗୃହକୁ ଗମନ କଲେ । ଯଦି ତୁମେ ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କର ଆଉ ନିଜର ପାପ କ୍ଷମା ନିମନ୍ତେ ତାଙ୍କୁ ପଚ଼ାର, ଆଉ ସେ ନିଶ୍ଚୟ କ୍ଷମା କରିବେ । ବର୍ତ୍ତମାନ୍ ସେ ଆସିବେ ଏବଂ ତୁମ୍ଭଠାରେ ବାସ କରିବେ ଆଉ ତୁମ୍ଭ ମଧ୍ୟ ତାଙ୍କଠାରେ ଚ଼ିର କାଳ ପର୍ଯନ୍ତ ବାସ କରିବ ।

ଯଦି ତୁମ୍ଭେ ଏହା ହିଁ ସତ୍ୟବୋଲି ବିଶ୍ୱାସ କର, ତହିଁରେ ଇଶ୍ୱରଙ୍କୁ କୁହନ୍ତୁ:
ପ୍ରିୟର ଯୀଶୁଖ୍ରୀଷ୍ଟ ମୁଁ ବିଶ୍ୱାସ କରେ କି ତୁମ୍ଭେ ହିଁ ଇଶ୍ୱର ଏବଂ ତୁମ୍ଭେ ମନୁଷ୍ୟ ରୁପ ଧାରଣ କରି, ମୋ କରିପାରିବି ନିମନ୍ତେ ମୃତ୍ୟୁବରଣ କଲ, ବର୍ତ୍ତମାନ୍ ଜୀବିତ ଅଛନ୍ତି । ମୁଁ ମଧ୍ୟ ନୂତନ ଜୀବନ ଧାରଣ କରିପାରିବ, ଆଉ ସେହି ଦିନ ଠାରୁ ତୁମ୍ଭ ସହିତ ଚ଼ିରକାଳ ରହିବି । ତୁମ୍ଭରି ଆଜ୍ଞାକାରି ସନ୍ତାନ ଓ ତୁମ୍ଭ ନିମନ୍ତେ ବଞ୍ଚିବାକୁ ସାହାଯ୍ୟ କରନ୍ତୁ । ଆମେନ୍ ।

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ ଇଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ । ଯୋହନ ୩:୧୬